# Sambalpur Municipal Corporation
## Sambalpur (Odisha)

Email Id : Sambalpurm.hud@nic.in


ସଂଖ୍ୟା ୧୧୩୯୨ ତାରିଖ ୦୫/୧୨/୨୨

**୨୦୨୩ -୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**

ସମ୍ବଲପୁର ମହାନଗର ନିଗମ ୨୦୨୩ -୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପୌର ସଂସ୍ଥା ମାନଙ୍କର ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ସମ୍ପୃକ୍ତ ପୌର ସଂସ୍ଥା ଠିକଣାରେ ରେଜିଷ୍ଟର୍ଡ଼/ସ୍ପୀଡ଼ପୋଷ୍ଟ ଜରିଆରେ ତା ୨୦/୧୨/୨୦୨୨/ ସମୟ ୫.୩୦ pm ସୁଦ୍ଧା ପହଞ୍ଚିବା ଆବଶ୍ୟକ।

ଟେକ୍ନିକାଲ୍ ବିଡ୍ ସମ୍ପୃକ୍ତ ପୌର ସଂସ୍ଥା ସଭାଗୃହରେ ତା ୨୧/୧୨/୨୦୨୨/ ସମୟ ୧୧ am ରେ ଖୋଲାଯିବ। ମୁଦା ଲଫାଫା ଉପରେ "**୨୦୨୩ -୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**"ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନ ର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍ ରେ ମିଳିପାରିବ।

**ପୌର ସଂସ୍ଥାର ୱେବ୍ ସାଇଟ୍**

www.smcsambalpur.nic.in

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ

Memo No 11393 Date 5/12/22

Copy submitted to the District Magistrate & Collector Sambalpur for favour of kind Information.

Municipal Commissioner
Sambalpur Municipal Corporation

Memo No 11394 Date 5/12/22

Copy to Office notice board/MIS SMC for information and instructed to uploading the EoI document in www.smcsambalpur.nic.in and www.sambalpur.nic.in for wide circulation.

Municipal Commissioner
Sambalpur Municipal Corporation

୨୦୨୩ -୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ

**ସନ୍ଦର୍ଭ ଓ ସର୍ତ୍ତାବଳୀ ( ଟର୍ମ୍ସ ଆଣ୍ଡ ରେଫରେନ୍ସ )**

ଓଡ଼ିଶା ସରକାରଙ୍କର 5T ସୁଶାସନ ବ୍ୟବସ୍ଥାର ଅଂଶ ସ୍ୱରୂପ 2019 ମସିହା ଅଗଷ୍ଟ ମାସ ଠାରୁ ୱାର୍ଡ଼ ଅଫିସ ସମୂହକୁ କ୍ରିୟାଶୀଳ କରାଯାଇଛି। ଏହି ଅଭିମୁଖ୍ୟକୁ ଆହୁରି ଆଗକୁ ନେଇ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ପୌର ସଂସ୍ଥା ମାନଙ୍କର ୱାର୍ଡ଼ ଅଫିସ୍ସମୂହର ରୂପାନ୍ତରଣ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି, ଏବଂ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ବିଧିବଦ୍ଧ ସ୍ଥିର କରାଯାଇ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ଆହ୍ୱାନ କରାଯାଉଛି।

୧. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ଶେଷ ତାରିଖ ତା ୨୦/୧୨/୨୦୨୨/ ସମୟ୫.୩୦ pm ଧାର୍ଯ୍ୟ ହୋଇଛି ଓ ଟେକ୍ନିକାଲ୍ ବିଡ୍ ସମ୍ବଲପୁର ମହାନଗର ନିଗମ ସଭାଗୃହରେ ତା ୨୧/୧୨/୨୦୨୨/ ସମୟ ୧୧ am ଖୋଲାଯିବ ବୋଲି ସ୍ଥିର କରାଯାଇଛି।

୨. ଏଥି ନିମନ୍ତେ ଆଗ୍ରହୀ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ସମସ୍ତ ଦସ୍ତାବିଜ୍ ସମ୍ବଲପୁର ମହାନଗର ନିଗମ **ର ୱେବ୍ ସାଇଟ୍** ରୁ ଡାଉନଲୋଡ଼ କରିପାରିବେ।

୩.ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ଅବଧି ୨୦/୧୨/୨୦୨୨ଶେଷ ସୁଦ୍ଧା ବୈଧ ରହିବ।

୪.ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଖୋଲାଯିବା ସମୟରେ ବିଡ୍ ରେ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ଉପସ୍ଥିତ ରହିବେ। ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିଙ୍କ ଅନୁପସ୍ଥିତିରେ କମିଟି ଇ.ଓ.ଆଇ କୁ ଖୋଲି ପାରିବେ।

୫.ଏହି ଉଦ୍ଦେଶ୍ୟରେ ଗଠିତ ଏକ କମିଟି ଦ୍ୱାରା ବିଭିନ୍ନ ପରିମାପକ ଯଥା ଗୋଷ୍ଠୀ ଗଠନର ବର୍ଷ, ଗୋଷ୍ଠୀର ପରିଚାଳନା, ପ୍ୟାନ୍, ଆୟକାରୀ କାର୍ଯ୍ୟବିଧିରେ ଅଂଶଗ୍ରହଣ, ଆର୍ଥିକ ବ୍ୟବହାର, ଦଳଗତ ନିଷ୍ଠା ଓ ସାଧୁତା ଏବଂ ଯୋଗ୍ୟତା ଭିତ୍ତିରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀରମୂଲ୍ୟାୟନ କରାଯିବ ଏବଂ ଏ ସମ୍ପର୍କରେ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ। ଅନ୍ୟ କୌଣସି ବି କ୍ଷେତ୍ରରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ହେବ ନାହିଁ ଓ ଏ ସମ୍ପର୍କରେ ଆବେଦନକାରୀ ଅଣ୍ଡରଟେକିଙ୍ଗ୍ ଲେଖି କରି ଦେବେ।

୬.ବିଡ୍ ରେ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପୂର୍ବ ରେକର୍ଡ଼ ତଥା ବିଶ୍ୱସନୀୟତା ରେ ଅସନ୍ତୋଷ କ୍ଷେତ୍ରରେ ସମ୍ବଲପୁର ମହାନଗର ନିଗମ **ର** ପ୍ରତିନିଧି ରୂପେ ଆୟୁକ୍ତ ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀରବିଡ୍ ଆବେଦନ ଖାରଜ କରି ପାରିବେ।

୭. କମିଟିର ନିଷ୍ପତ୍ତି ସମ୍ପର୍କରେ କୌଣସି ଅଭିଯୋଗ ଟେଲିଫୋନ୍ ,ଫ୍ୟାକ୍ସ, ଇ ମେଲ୍ ଅଥବା ବ୍ୟକ୍ତିଗତ ସାକ୍ଷାତରେ ଗ୍ରହଣୀୟ ହେବନାହିଁ।

୮. ସେବାର ଗୁଣବତ୍ତା ସଂକ୍ରାନ୍ତ ରେ କୌଣସି ବିବାଦ ଉପୁଜିଲେ ସମ୍ପୃକ୍ତ ସମ୍ବଲପୁର ମହାନଗର ନିଗମ ର ପ୍ରାଧିକୃତ କର୍ମକର୍ତ୍ତାଙ୍କ ଦ୍ୱାରା ଯାଞ୍ଚ କରାଯିବ।

୯.ଅଗ୍ରୀମ ଅର୍ଥ ପ୍ରଦାନ ଅଥବା ସମୟ ସୀମା ନେଇ କୌଣସି ପ୍ରାକ୍ ସର୍ତ୍ତାବଳୀ ରହିବନାହିଁ। କୌଣସି ପ୍ରାକ୍ ସର୍ତ୍ତାବଳୀ ବିନା ପ୍ରଦତ୍ତ ବିଡ୍ କୁ ଚୂଡ଼ାନ୍ତ ରୂପେ ଗ୍ରହଣ କରାଯିବ।

୧୦.ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀବିଡ୍ ରେ ପ୍ରଦତ୍ତ ଅବଧି ପରବର୍ତ୍ତୀ ଏକ ବର୍ଷ ନିମନ୍ତେ ତାଲିକାଭୁକ୍ତ (ଏମ୍ପ୍ୟାନେଲଡ଼) ରହିବେ । ସମ୍ବଲପୁର ମହାନଗର ନିଗମ ଦ୍ୱାରା ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମୂଲ୍ୟାୟନ ସନ୍ତୋଷଜନକ ହେଲେ ହିଁ ଚୁକ୍ତିର ଅବଧି ସମ୍ପ୍ରସାରିତ ହେବ।

୧୧.ନିମ୍ନୋକ୍ତ ଲେଖା ସହ ୧୦ ଟଙ୍କାର ନନ୍ ଜୁଡିସିଆଲ୍ ଷ୍ଟାମ୍ପ ପେପର୍ ରେ ଏକ ଅଣ୍ଡରଟେକିଙ୍ଗମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବିଡ୍ ରେ ସଂଲଗ୍ନ କରି ଦେବେ।

- ମୁଁ (ନାମ, ପଦବୀ ଓ ଗୋଷ୍ଠୀର ନାମ) ସମ୍ବଲପୁର ମହାନଗର ନିଗମ ର ୱାର୍ଡ଼ ଅଫିସ୍ପରିଚାଳନା ଦାୟିତ୍ୱ ରେ ରହିବି।
- ଆମର ମିଶନ ଶକ୍ତି ସ୍ୱୟଂସହାୟକଗୋଷ୍ଠୀ (ଗୋଷ୍ଠୀର ନାମ) ୱାର୍ଡ଼ ନଂ ------ରେ କାର୍ଯ୍ୟ କରୁଅଛି।
- (ମିଶନ୍ଶକ୍ତିସ୍ୱୟଂସହାୟକଗୋଷ୍ଠୀ ଅଥବା ସଦସ୍ୟଙ୍କ ନାମ) କୌଣସି ବ୍ୟାଙ୍କ ଅଥବା ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ଦ୍ୱାରା ପ୍ରଦତ୍ତ ଋଣ ପରିଶୋଧ କରିବାରେ ଖିଲାଫ କରିନାହାନ୍ତି।
- ଯଦି ଆମେ (ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀଙ୍କ ନାମ) ଚୟନ କରାଯିବା ପରେ ଚୁକ୍ତିଗତ ଅବଧି ମଧ୍ୟରେ ଦାୟିତ୍ୱ ତୁଲାଇବାରେ ଅଥବା ସେବା ପ୍ରଦାନରେ ବିଫଳ ହେବୁ ତେବେ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟକ୍ରମ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବୁନାହିଁ।
- ଆମେ (ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀଙ୍କ ନାମ) କୌଣସି ପୂର୍ବବର୍ତ୍ତୀ ଦାୟିତ୍ୱ ତୁଲାଇବା ସମୟରେ କଳା ତାଲିକାଭୁକ୍ତ ହୋଇନାହୁଁ।
- ଆମେ (ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମ)ସମ୍ବଲପୁର ମହାନଗର ନିଗମ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ଜ୍ଞାପନ ପତ୍ର (ମେମୋରାଣ୍ଡମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂ)ର ସର୍ତ୍ତାବଳୀର ଅନୁପାଳନ କରିବୁ।

୧୨. କେବଳ ଯୋଗ୍ୟ ବିବେଚିତ ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀଙ୍କୁ ଉପରୋକ୍ତ ଦାୟିତ୍ୱ ତୁଲାଇବାକୁ ଦିଆଯିବ।

**୧୩ . ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀଙ୍କ ଯୋଗ୍ୟତା ପରିମାପକ**

| କ୍ରମ.ସଂ | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧. | ଗୋଷ୍ଠୀ ଗଠନ | ୧. ୪. ୨୦୧୯ ସୁଦ୍ଧା ଗଠିତ ହୋଇଥିବ। |
| ୨. | ଗୋଷ୍ଠୀ ପରିଚାଳନା | ପଞ୍ଚ ସୂତ୍ରର କଠୋର ଅନୁପାଳନ କରାଯିବ (ନିୟମିତ ବୈଠକ,ନିୟମିତ ସଞ୍ଚୟ,ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର,ନିୟମିତ ପରିଶୋଧ,ନିୟମିତ ହିସାବ ବା ରେକର୍ଡ଼ ରଖିବା ଇତ୍ୟାଦି) |
| ୩. | ପ୍ୟାନ୍ | ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀଙ୍କର ପରମାନେଣ୍ଟ ଆକାଉଣ୍ଟ ନମ୍ବର ଥିବ। |
| ୪.. | ଆୟକାରୀ କାର୍ଯ୍ୟବିଧି | ମିଶନ୍ ଶକ୍ତି ଗୋଷ୍ଠୀପୂର୍ବରୁ ଆୟକାରୀ କାର୍ଯ୍ୟବିଧିରେ ଅଂଶଗ୍ରହଣକରିଥିବେ। |
| ୫. | ଆର୍ଥିକ ବ୍ୟବହାର | କୌଣସି ଆର୍ଥିକ ଅନିୟମିତତା ଯଥା (ଋଣ ଏନ୍.ପି.ଏ, ରାଇଟ୍ ଅଫ୍ କିମ୍ବା ୱାନ୍ ଟାଇମ୍ ସେଟଲମେଣ୍ଟ ଘୋଷିତ ହୋଇନଥିବ। |
| ୬. | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସାମାଜିକ କାର୍ଯ୍ୟ ଅଥବା ଅପରାଧରେ ଜଡ଼ିତ ନଥିବେ। |

| | | |
|---|---|---|
| ୭. | ଯୋଗ୍ୟତା | ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀ ସଦସ୍ୟାଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ତତଃପକ୍ଷେ ମାଟ୍ରିକ୍ୟୁଲେସନ୍ ଅଥବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ । |

୧୪. କର୍ମ ନିୟୋଜନ ସର୍ତ୍ତାବଳୀ

କ)ୱାର୍ଡ ଅଫିସ୍ ସମୂହର କ୍ରିୟାଶୀଳତା ଉଦ୍ଦେଶ୍ୟରେ ସହରାଞ୍ଚଳ ସୁଶାସନରେ ଗୋଷ୍ଠୀ ସହଭାଗିତା ନିମନ୍ତେ ପ୍ରୋତ୍ସାହନ ପ୍ରଦାନ ପୂର୍ବକ ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀକୁ ସ୍ୱେଚ୍ଛାକୃତ ଭିତ୍ତିରେ ନିୟୋଜିତ କରାଯିବ।

ଖ)ପୌର ସଂସ୍ଥା ଚୟନ କରାଯାଇଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀ ସହ ବୁଝାମଣାପତ୍ର (ଏମ୍.ଓ.ୟୁ) ସ୍ୱାକ୍ଷର କରିବେ।

ଗ) ସ୍ୱାକ୍ଷରିତ ବୁଝାମଣା ଜ୍ଞାପନ ପତ୍ର (ମେମୋରାଣ୍ଡମ୍ଅଫ୍ଅଣ୍ଡରଷ୍ଟାଣ୍ଡିଂ)ର ସର୍ତ୍ତାବଳୀ ରେ ନିର୍ଦ୍ଦିଷ୍ଟଅବଧି ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀକୁ ନିୟୋଜିତ କରାଯିବ

ଘ) ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀର ସଦସ୍ୟ ନିଜକୁ ୱାର୍ଡ ଅଫିସ୍ ର ସ୍ଥାୟୀ କର୍ମଚାରୀ ରୂପେ ଦାବୀ ଉପସ୍ଥାପନ କରି ପାରିବେ ନାହିଁ ।

ଙ) ଚୟନ କରାଯାଇଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀର ସଦସ୍ୟ ମାନଙ୍କୁ ପୌର ସଂସ୍ଥା ମାନଙ୍କର ୱାର୍ଡ ଅଫିସ୍ ସମୂହରପରିଚାଳନା ସମ୍ପର୍କରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଦିଆଯିବ।

**୧୫.ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମୂହର ଦାୟିତ୍ୱ ଓ ଭୂମିକା**

ୱାର୍ଡ ଅଫିସ୍ ପରିଚାଳନା ଦାୟିତ୍ୱମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମୂହଙ୍କ ଉପରେ ନ୍ୟସ୍ତ କରାଯାଇଛି।

କ) ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀର ଜଣେ ସଦସ୍ୟୱାର୍ଡ କୋଅର୍ଡିନେଟର୍ ରୂପେ ୱାର୍ଡ ଅଫିସ୍ ପରିଚାଳନା ଦାୟିତ୍ୱଅନ୍ତର୍ଗତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ନାଗରିକ ମାନଙ୍କ ପ୍ରଶ୍ନ ଓ ଅଭିଯୋଗ ସମୂହ ଲେଖି ସେଗୁଡ଼ିକୁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଇବେ।

ଖ) ୱାର୍ଡ ବାସିନ୍ଦାଙ୍କ ଠାରୁ ବିଭିନ୍ନ ୟୁଜର୍ ଚାର୍ଜ ଯଥା ଜଳ/ପ୍ରପର୍ଟି/ହୋଲ୍ଡିଂ ଟ୍ୟାକ୍ସ ଓ ଅନ୍ୟ ପୌର ଦେୟ ଯଥା ଷ୍ଟଲ୍, ଟ୍ରେଡ୍ ଲାଇସେନ୍ସ ଆଦି ଦେୟ ସଂଗ୍ରହ କରିବେ।

ଗ) ପ୍ରତିବର୍ଷ ଦେଶ ତଥା ରାଜ୍ୟନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଦିବସ ଯଥା ୧ ଜାନୁଆରୀ,୨୬ ଜାନୁଆରୀ, ୫ ମାର୍ଚ୍ଚ, ୧ ଏପ୍ରିଲ୍ ,୧୫ ଅଗଷ୍ଟ, ୩୧ ଅଗଷ୍ଟ, ଓ ୨ ଅକ୍ଟୋବର ଆଦି ପାଳନ କରିବେ।

ଘ) ନିୟମିତ ରୂପେ ୱାର୍ଡ ଅଫିସ୍ ସମୂହର ମାସିକ ତଥା ସ୍ୱତନ୍ତ୍ର ବୈଠକ ପରିଚାଳନାକରିବେ।

ଙ) ସହରାଞ୍ଚଳ ସୁଶାସନରେସହଭାଗିତାଓ ସଚେତନତାର ପ୍ରୋତ୍ସାହନ ନିମନ୍ତେଗୋଷ୍ଠୀକୁ ସଂଚାଳିତ କରିବେ।

ଚ) ଆପଦ କାଳୀନ ସ୍ଥିତିରେ ୱାର୍ଡ ଅଫିସ୍ ସମୂହକୁ 'ଜରୁରୀକାଳୀନ ଅଫିସ୍' ରୂପେ ସଂଚାଳନ କରିବେ।

**୧୬.ୱାର୍ଡ କୋଅର୍ଡିନେଟରହେବା ନିମନ୍ତେ ଯୋଗ୍ୟତା ପରିମାପକ**

- ସର୍ବନିମ୍ନ ଯୋଗ୍ୟତାରୂପେ ୱାର୍ଡକୋଅର୍ଡିନେଟରଙ୍କୁ କୌଣସି ବିଷୟରେ ସ୍ନାତକ ବା ଗ୍ରାଜୁଏଟ୍ ହୋଇଥିବା ଆବଶ୍ୟକ। ତେବେ ସ୍ନାତକବା ଗ୍ରାଜୁଏଟ୍ ପ୍ରାର୍ଥୀଙ୍କ ଅଭାବ କ୍ଷେତ୍ରରେ ଉଚ୍ଚ ମାଧ୍ୟମିକ କିମ୍ବା ଅନ୍ତତଃପକ୍ଷେ ମାଟ୍ରିକ୍ୟୁଲେସନ୍କୁ ହଣଯୋଗ୍ୟ ବିବେଚିତ ହେବ
- କମ୍ପ୍ୟୁଟର୍ ଚଳାଇବାରେ ତାଙ୍କର ଦକ୍ଷତା ଥିବା ଆବଶ୍ୟକ।
- ସେ ମିଶନ୍ଶକ୍ତିସ୍ୱୟଂସହାୟକଗୋଷ୍ଠୀରଜଣେସକ୍ରିୟ ସଦସ୍ୟ ହୋଇଥିବା ଆବଶ୍ୟକ।
- ତାଙ୍କର ସକ୍ରିୟ ବ୍ୟାଙ୍କ ଆକାଉଣ୍ଟ , ପ୍ୟାନ୍ ଏବଂ ଆଧାର ଆଦି ଥିବା ଆବଶ୍ୟକ।
- ସ୍ୱୟଂ ସହାୟକଗୋଷ୍ଠୀଅଥବା କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ ଋଣ ପରିଶୋଧରେ ଖିଲାପକରିନଥିବେ।
- ତାଙ୍କ ବିରୁଦ୍ଧରେ କୌଣସି ଅପରାଧ ମାମଲା ଦାୟର ହୋଇନଥିବ।

୧୭.ୱାର୍ଡ଼ କୋଅର୍ଡିନେଟରଙ୍କୁ ଲାଇବାକୁ ଥିବା ଭୂମିକା ଓ ଦାୟିତ୍ୱ

କ )ଅଫିସ୍ ଚାବି ସମେତ ୱାର୍ଡ଼ ଅଫିସ୍ ର ଦେଖାରଖା ଦାୟିତ୍ୱ ନେବେ।

ଖ) ୱାର୍ଡ଼ ଅଫିସ୍ ପରିଚାଳନା ଦାୟିତ୍ୱ ତୁଲାଇବାରେ ୱାର୍ଡ଼ ଅଫିସର ଙ୍କୁ ସହାୟତା କରିବେ।

ଗ) ସମ୍ବଲପୁର ମହାନଗର ନିଗମ ରାଜସ୍ୱ ଯଥା ହୋଲ୍ଡିଂ ଟ୍ୟାକ୍ସ, କଠିନ ବର୍ଜ୍ୟ ପରିଚାଳନା ଚିକସ, ବର୍ଜ୍ୟ ଜଳ ନିର୍ଗମନ ଶୁଳ୍କ,, ଟ୍ରେଡ଼ ଲାଇସେନ୍ସ ଆଦିଦେୟ ସଂଗ୍ରହ କରିବେ।

ଘ) ସମ୍ପତ୍ତି କର ବା ପ୍ରପର୍ଟି ଟ୍ୟାକ୍ସ ଆକଳନ ଓ ପୁନଃ ଆକଳନ ନିମନ୍ତେ ପଦକ୍ଷେପ ତ୍ୱରାନ୍ୱିତ କରିବେ।

ଙ) ୱାର୍ଡ଼ ଅଫିସ୍ ସମୂହର ରକ୍ଷଣାବେକ୍ଷଣ ସହ ଏହାର ପରିସର ମଧ୍ୟରେ ଥିବା ସମସ୍ତ ଉପଯୋଗୀ ଉପକରଣର ଯଥାର୍ଥ ରୂପେ ତଦାରଖ କରିବେ ଓ ବିଦ୍ୟୁତ ପରି ବିଭିନ୍ନ ଉପଯୋଗୀତାର ବିଲ୍ ଠିକ ସମୟରେ ପଇଠ କରିବେ।

ଚ) ୱାର୍ଡ଼ ଅଫିସ୍ ସମୂହର ତଥା ସେସବୁ ଦ୍ୱାରା ପ୍ରଦତ୍ତ ପୌର ସେବା ଆଦି କ୍ଷେତ୍ରରେ ସମ୍ପୃକ୍ତ ଆର୍ଥିକ ଲେଣଦେଣରେକର୍ଡ଼ କରିବା ପାଇଁ ସଠିକ୍ କ୍ୟାଶ୍ ବୁକ୍ ପରିଚାଳନାରେ ସହାୟତା କରିବେ ।

ଛ) ସରକାରଙ୍କ ଦ୍ୱାରା ନ୍ୟସ୍ତ ଅନ୍ୟ ଯେକୌଣସି ଦାୟିତ୍ୱ ନିର୍ବାହ କରିବେ।

୧୮.ପ୍ରୋତ୍ସାହନ ଅର୍ଥ ରାଶି ଓ ଦେୟ ପ୍ରଦାନ

କ) ମିଶନ୍ ଶକ୍ତି ସ୍ୱୟଂ ସହାୟକଗୋଷ୍ଠୀକୁ ପ୍ରତି ମାସରେ ୱାର୍ଡ଼ କୋଅର୍ଡିନେଟର୍ ଙ୍କ ପାରିଶ୍ରମିକ ବାବଦରେ ୧୦,୦୦୦ ଟଙ୍କା ଓ ସ୍ୱୟଂ ସହାୟକଗୋଷ୍ଠୀର ସେବା ଶୁଳ୍କ ବାବଦରେ ୨୦୦୦ ଟଙ୍କା ପ୍ରଦାନ କରାଯିବ।

ଖ) ଏହା ବ୍ୟତୀତ କୌଣସି ଅତିରିକ୍ତ କାର୍ଯ୍ୟ ନିମନ୍ତେ କୌଣସି ଅତିରିକ୍ତ ଅର୍ଥ ପ୍ରଦାନ କରାଯିବନାହିଁ।

ଆୟୁକ୍ତ

ସମ୍ବଲପୁର ମହାନଗର ନିଗମ

* ଗୋଷ୍ଠୀ ମୋହର ସହିତ

## ମିଶନ୍ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

| ସଂଖ୍ୟା | | ବିବରଣୀ |
|---|---|---|
| ୧ | ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାମ | |
| | ଠିକଣା<br>ୱାର୍ଡ଼ ସଂଖ୍ୟା | |
| ୨ | ଗୋଷ୍ଠୀ ଗଠନ ତାରିଖ | |
| ୩ | ଗୋଷ୍ଠୀ ସଦସ୍ୟା ସଂଖ୍ୟା | |
| ୪ | ଗୋଷ୍ଠୀର ସମସ୍ତ ସଦସ୍ୟାଙ୍କ ଶିକ୍ଷାଗତ ଯୋଗ୍ୟତା (ଯୋଗ୍ୟତା ସହ କମ୍ପୁଟର କୋର୍ସ ଟ୍ରେନିଂ ନେଇଛନ୍ତି ଯଦି ଉଲ୍ଲେଖ କରନ୍ତୁ) | |

| | ସଦସ୍ୟାଙ୍କ ନାମ | ଯୋଗ୍ୟତା | ସଦସ୍ୟାଙ୍କ ନାମ | ଯୋଗ୍ୟତା |
|---|---|---|---|---|
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |

| | | |
|---|---|---|
| ୫ | ଶ୍ରେଣୀକରଣ (Gradation ) ହୋଇଛି ? (ହଁ/ନାହିଁ) (ଶ୍ରେଣୀକରଣ ଡକୁମେଣ୍ଟ ସଂଲଗ୍ନ କରନ୍ତୁ) | |
| ୬ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି | |
| | ଆକାଉଣ୍ଟ ସଂଖ୍ୟା | |
| ୭ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୮ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୯ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ | |
| ୧୦ | କେତେ ଜଣ ମନୋନୀତ ସଦସ୍ୟ କୋର୍ଡିନେଟର ଭାବେ ଆବେଦନ କରିବାକୁ ଇଚ୍ଛୁକ ? | |
| ୧୧ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) (ପାସ୍ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) | |
| ୧୨ | ଗତ ୩ ବର୍ଷରେ କେତେ ଟଙ୍କା ଋଣ ନେଇଛନ୍ତି ? ( ଏପ୍ରିଲ ୨୦୧୯ ରୁ ମାର୍ଚ୍ଚ ୨୦୧୨ ମଧ୍ୟରେ) | |
| ୧୩ | ଗତ ୩ ବର୍ଷରେ କେତେ ଟଙ୍କା ଆୟ କରିଛନ୍ତି ? ( ଏପ୍ରିଲ ୨୦୧୯ ରୁ ମାର୍ଚ୍ଚ ୨୦୧୨ ମଧ୍ୟରେ) | |
| ୧୪ | ବର୍ତ୍ତମାନ କେତେ ଟଙ୍କା ବ୍ୟାଙ୍କ ଖାତାରେ ରଖିଛନ୍ତି ? | |

| | | |
|---|---|---|
| ୧୫ | ଗୋଷ୍ଠୀ ଆରମ୍ଭ କରିଲା ବେଳେ କେତେ ଟଙ୍କା RF/SEED ଓ ଅନ୍ୟ ଆର୍ଥିକ ସହାୟତା ପାଇଥିଲେ? | |
| ୧୬ | ବ୍ୟାଙ୍କୁ କେତେ ଟଙ୍କା ଇଂଟରେଷ୍ଟ ପାଇଛନ୍ତି ? ( ଏପ୍ରିଲ ୨୦୧୯ ରୁ ମାର୍ଚ୍ଚ ୨୦୧୨ ମଧ୍ୟରେ) | |
| ୧୭ | ସଭାନେତ୍ରୀଙ୍କ ନାମ | |
| | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୧୮ | ସେକ୍ରେଟେରୀଙ୍କ ନାମ | |
| | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୯ | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛିକି? | |
| ୨୦ | ଅତୀତ କିମ୍ବା ବର୍ତ୍ତମାନରେ କୌଣସି  ଅସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇଛନ୍ତିକି? | |
| ୨୧ | କେଉଁ ୱାର୍ଡର ସଂଚାଳନ ନେବାକୁ ଇଚ୍ଛୁକ ? | |

**ସେକ୍ରେଟାରୀଙ୍କ ହସ୍ତାକ୍ଷର**
(ମୋହର ସହିତ)

**ସଭାନେତ୍ରୀଙ୍କ ହସ୍ତାକ୍ଷର**
(ମୋହର ସହିତ)

**ସଂଲଗ୍ନ :**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲ୍ୟୁସନ୍ କପି ।
- ମିଶନ ଶକ୍ତି ଗୋଷ୍ଠୀର ପାସ୍ବୁକ କପି (ପାସ୍ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) ।
- ଆବେଦନକାରୀ ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ କପି ।
- ମିଶନ ଶକ୍ତି ଗୋଷ୍ଠୀର ଶ୍ରେଣୀକରଣ ଡକୁମେଣ୍ଟ ସଂଲଗ୍ନ କରନ୍ତୁ
- ସମସ୍ତ ଗୋଷ୍ଠୀ ସଦସ୍ୟଙ୍କ ସର୍ବୋଚ୍ଚ ଯୋଗ୍ୟତା ପ୍ରମାଣପତ୍ରର କପି

COMMISSIONER, SMC

ଫର୍ମ- ୨

* ଗୋଷ୍ଠୀ ମୋହର ସହିତ

## ଆବେଦନକାରୀଙ୍କ ପାଇଁ ଆବେଦନ ଫର୍ମ

| ସଂଖ୍ୟା | | ବିବରଣୀ |
|---|---|---|
| ୧ | ଆବେଦନକାରୀଙ୍କ ନାମ | |
| ୨ | ଠିକଣା | |
| ୩ | ୱାର୍ଡ ସଂଖ୍ୟା | |
| ୪ | ଜନ୍ମ ତାରିଖ | |
| ୫ | ଯୋଗ୍ୟତା | |
| ୬ | ମିଶନ ଶକ୍ତି ଗୋଷ୍ଠୀରେ ମିଶିବାର ତାରିଖ | |
| ୭ | ପୂର୍ବରୁ କେଉଁ କାର୍ଯ୍ୟରେ ନିଯୁକ୍ତ ଥିଲେ କି? (ପଦ ଏବଂ କାର୍ଯ୍ୟ ସ୍ଥାନ) | |
| ୮ | ବର୍ତମାନ କେଉଁ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି କି? (ପଦ ଏବଂ କାର୍ଯ୍ୟ ସ୍ଥାନ) | |
| ୯ | କମ୍ପ୍ୟୁଟର କୋର୍ସ ଟ୍ରେନିଂ ନେଇଛନ୍ତି? (ହଁ/ନାହିଁ) (ସାର୍ଟିଫିକେଟ ସଂଲଗ୍ନ କରନ୍ତୁ ) | |
| ୧୦ | ଆପଣ ଆପଣଙ୍କ ମିଶନ ଶକ୍ତି ଦ୍ୱାରା ମନୋନୀତ ହୋଇଛନ୍ତି କି? | |
| ୧୧ | ଆପଣ କେଉଁ ୱାର୍ଡ଼ରେ ନିଯୁକ୍ତ ହେବାକୁ ଚାହୁଁଛନ୍ତି? | |

**ଆବେଦନକାରୀଙ୍କ ହସ୍ତାକ୍ଷର:**

**ସେକ୍ରେଟାରୀଙ୍କ ହସ୍ତାକ୍ଷର** (ମୋହର ସହିତ)

**ସଭାପତିଙ୍କ ହସ୍ତାକ୍ଷର** (ମୋହର ସହିତ)

**ସଂଲଗ୍ନ :**

- ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ଗୋଷ୍ଠୀ ସଦସ୍ୟଙ୍କୁ ମନୋନୀତ କରିବାର ରେସୋଲୁସନ ।
- ଆବେଦନ କରୁଥିବା ସଦସ୍ୟଙ୍କ ଆଧାର ।
- ଆବେଦନକାରୀ ଗୋଷ୍ଠୀ ସଦସ୍ୟଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ୍ କପି (କମ୍ପ୍ୟୁଟର ଟ୍ରେନିଂ ସାର୍ଟିଫିକେଟ ସହ )।
- ଯଦି ସଦସ୍ୟ ଗୋଷ୍ଠୀରେ ଗୋଷ୍ଠୀ ସଂଗଠନ ହେଲା ପରେ ଯୋଗ ଦେଇଛନ୍ତି, ଏକ ରିଜୋଲ୍ୟୁସନ୍ ଯେଉଁଠାରେ ଗୋଷ୍ଠୀ ସଦସ୍ୟ ଗୋଷ୍ଠିରେ ଯୋଗ ଦେବାର ଉଲ୍ଲେଖ ହୋଇଛି ।

COMMISSIONER, SMC